# NATIONAL NEWS BULLETIN (ODIA)

**3 May - 2025**

**Morning Bulletin : 7.15 a.m.**

***********************************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ମୋଦୀ ଓ ଆଙ୍ଗୋଲା ରାଷ୍ଟ୍ରପତି
- ୱେଭ୍‌ସ ଶିଖର ସମ୍ମିଳନୀର ଆଜି ତୃତୀୟ ଦିନରେ ଆୟୋଜିତ ହେବ ଗୋଷ୍ଠୀ ବେତାର ଜାତୀୟ ସମ୍ମିଳନୀ
- ୨୦୨୪-୨୫ ଆର୍ଥିକ ବର୍ଷରେ ୮୨୪ ଦଶମିକ ୯ ବିଲିୟନ ଡଲାରରେ ପହଞ୍ଚିଲା ଦେଶର ରପ୍ତାନୀ କାରବାର
- ଅଷ୍ଟ୍ରେଲିଆର ୪୮ତମ ସଂସଦ ପାଇଁ ଚାଲିଛି ମତଦାନ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୩୮ ରନ୍‌ରେ ପରାସ୍ତ କରିଛି ଗୁଜରାଟ ଟାଇଟନ୍ସ

# ପିଏମ୍ ମୋଦୀ-ଆଙ୍ଗୋଲା ପ୍ରେଜ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଆଙ୍ଗୋଲାର ରାଷ୍ଟ୍ରପତି ଜୋଆଓ ମାନୁଏଲ୍ ଗୋଙ୍କାଲେଭ୍‌ସ ଲୋରେଙ୍କୋ ଙ୍କ ସହ

ପ୍ରତିନିଧିସ୍ତରୀୟ ଆଲୋଚନା କରିବେ । ଆଲୋଚନା ପରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନିମନ୍ତେ ଅନେକ ଗୁଡ଼ିଏ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ଆଙ୍ଗୋଲା ରାଷ୍ଟ୍ରପତି ୩ ଦିନିଆ ଭାରତ ଗସ୍ତରେ ଆସି ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଥିଲେ । ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ ତାଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ । ଆଙ୍ଗୋଲା ରାଷ୍ଟ୍ରପତିଙ୍କ ସହ ଅନେକ ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବ୍ୟବସାୟିକ ସଂସ୍ଥା ଏବଂ ଗଣମାଧ୍ୟମ ସମେତ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭାରତ ଆସିଛନ୍ତି ।

ରାଷ୍ଟ୍ରପତି ଭବନରେ ଆଙ୍ଗୋଲା ରାଷ୍ଟ୍ରପତିଙ୍କୁ ଆଜି ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯିବ । ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଆଲୋଚନା କରିବେ । ଆଙ୍ଗୋଲା ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଏକ ଭୋଜିର ଆୟୋଜନ ମଧ୍ୟ କରାଯାଇଛି ।

ସୂଚନାଯୋଗ୍ୟ ୩୮ ବର୍ଷ ପରେ ଆଙ୍ଗୋଲାର ରାଷ୍ଟ୍ରପତି ଭାରତ ଗସ୍ତରେ ଆସିଛନ୍ତି ।

ଚଳିତବର୍ଷ ଉଭୟ ଭାରତ ଓ ଆଙ୍ଗୋଲା କୂଟନୈତିକ ସଂପର୍କର ୪୦ ବର୍ଷ ପୂରଣ କରୁଥିବା ବେଳେ ଏହି ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି । ଆସନ୍ତାକାଲି ଆଙ୍ଗୋଲା ରାଷ୍ଟ୍ରପତି ନୂଆଦିଲ୍ଲୀରେ ଏକ ବ୍ୟବସାୟିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ଉଭୟ ଦେଶ ମଧ୍ୟରେ ପୁଞ୍ଜି ନିବେଶ ଏବଂ ବାଣିଜ୍ୟ ସଂପର୍କକୁ ପ୍ରୋତ୍ସାହିତ କରିବେ ।

# ୱେଭ୍ସ- ସମିଟି

ୱେଭ୍ସ ଶିଖର ସମ୍ମିଳନୀର ଆଜି ତୃତୀୟ ଦିନରେ କମ୍ୟୁନିଟି ରେଡିଓ ବା ଗୋଷ୍ଠୀ ବେତାର ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା ଏବଂ ସ୍ଥାନୀୟ ଲୋକମାନଙ୍କ ସହିତ ଅଧିକ ପ୍ରଭାବଶାଳୀ ଭାବରେ ଜଡ଼ିତ ହେବାର କ୍ଷମତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅତ୍ୟାଧୁନିକ ନୀତି ଓ କାର୍ଯ୍ୟକ୍ରମ ଉପରେ ଧ୍ୟାନ ଦିଆଯିବ । ବିଶେଷ ଭାବରେ ଗୋଷ୍ଠୀ ବେତାର କେନ୍ଦ୍ରଗୁଡ଼ିକୁ ସଂଯୋଗ କରିବା, ସେଥିରୁ ଶିକ୍ଷା କରିବା ଏବଂ ଶ୍ରେଷ୍ଠ ବିଷୟ ଗୁଡ଼ିକ ସଂପର୍କରେ ଆଲୋଚନା କରିବା ଉପରେ ଗୁରୁତ୍ୱ ଦିଆଯିବ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଭାରତୀୟ ଜନସଂଚାର ସଂସ୍ଥାନର ସହଯୋଗରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।

# ୱେଭ୍ସ ସମିଟ୍

ମୁମ୍ବାଇରେ ଚାଲିଥିବା ବିଶ୍ୱ ଦୃଶ୍ୟଶ୍ରାବ୍ୟ ଓ ମନୋରଂଜନ ଶିଖର ସମ୍ମିଳନୀ ୨୦୨୫ରେ ଗତକାଲି କ୍ରିଏଟ୍ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜର ପ୍ରଥମ ଭାଗ ଶେଷ ହୋଇଛି । ସମ୍ମିଳନୀରେ ଏହି ବିଭାଗରେ ୩୨ ଜଣ ବିଜେତାଙ୍କୁ ସମ୍ମାନିତ କରାଯାଇଛି । ଏହି ପ୍ରତିଯୋଗୀମାନେ ଗଣମାଧ୍ୟମ ଏବଂ ମନୋରଂଜନ ଶିଳ୍ପ, ଆନିମେଶନ, ଗେମିଙ୍ଗ୍, ଚଳଚ୍ଚିତ୍ର ନିର୍ମାଣ, ସଂଗୀତ ଏବଂ ଡିଜିଟାଲ୍ ଆର୍ଟ କ୍ଷେତ୍ରରେ ପାରଙ୍ଗମତା ପ୍ରଦର୍ଶନ କରିଥିଲେ । କ୍ରିଏଟ୍ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ୍‌ରେ ୧ଲକ୍ଷରୁ ଅଧିକ ପଞ୍ଜୀକରଣ ହୋଇଥିବା ବେଳେ

୬୦ଟି ଦେଶରୁ ୧ହଜାର ୧୦୦ରୁ ଅଧିକ ଅନ୍ତର୍ଜାତୀୟ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିରେ ଯୁବପିଢ଼ିର ନବସୃଜନ ପ୍ରଦର୍ଶିତ ହୋଇଥିଲା ।

ଏହି ଅବସରରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ୱେଭ୍ସ-୨୦୨୫ ଏକ ଐତିହାସକ ମୁହୂର୍ତ୍ତ । ପ୍ରତିଯୋଗୀମାନଙ୍କ ମଧ୍ୟରେ ଥିବା ନବସୃଜନକୁ ସମ୍ମାନିତ କରାଯାଇଥିବାରୁ ସେ ସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ଏକ ନୂଆ ଆହ୍ୱାନକୁ ପ୍ରତିଯୋଗୀମାନେ ଗ୍ରହଣ କରିଛନ୍ତି । ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ବୈଷ୍ଣବ କହିଛନ୍ତି, ଯୁବପ୍ରତିଭାମାନଙ୍କୁ ଏହି ମଞ୍ଚ ସେମାନଙ୍କର ଅନ୍ତର୍ନିହିତ କାର୍ଯ୍ୟଦକ୍ଷତା ପ୍ରକାଶ ଦିଗରେ ଆନ୍ତର୍ଜାତିକ ମଞ୍ଚ ପ୍ରଦାନ କରିଛି । **V/O**

ଅନ୍ୟପକ୍ଷରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ୱେଭ୍ସକୁ ଯୁବବର୍ଗଙ୍କ ସୃଜନଶୀଳତା ଓ ପ୍ରଯୁକ୍ତିବିଦ୍ୟାର ଏକ ମିଳିତ ମଞ୍ଚ ବୋଲି ଦର୍ଶାଇଛନ୍ତି । ଜଣେ ପ୍ରତିଯୋଗୀ ଆବାଦ ଅହମ୍ମଦ କହିଛନ୍ତି, ଶାସ୍ତ୍ରୀୟ ସଂଗୀତର ବିକାଶ ଦିଗରେ ଏହି ମଞ୍ଚ ଅପୂର୍ବ ସୁଯୋଗ ପ୍ରଦାନ କରିଛି ।

**V/O**

**(Abad Ahmmad)**

# ଇଣ୍ଡିଆ ଏକ୍ସପୋର୍ଟ ଗ୍ରୋଥ୍

ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ମୋଟ୍ ରପ୍ତାନୀ ସର୍ବକାଳୀନ

ସର୍ବୋଚ୍ଚ ସ୍ତର ୮୨୪ ଦଶମିକ ୯ ବିଲିୟନ ଡଲାରରେ ପହଞ୍ଚିଛି । ପୂର୍ବବର୍ଷର ରପ୍ତାନୀ ୭୭୮ ଦଶମିକ ୧ ବିଲିୟନ ଡଲାର ତୁଳନାରେ ଏହା ୬ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇଛି । ସେବା ରପ୍ତାନୀ କ୍ଷେତ୍ରରେ ୧୩ ଦଶମିକ ୬ ପ୍ରତିଶତ ବୃଦ୍ଧି ଘଟି ଏହା ୩୮୭ ଦଶମିକ ୫ ବିଲିୟନ୍ ଡଲାରରେ ପହଞ୍ଚିଛି । ଗତ ମାର୍ଚ୍ଚରେ କେବଳ ସେବା ରପ୍ତାନୀ ବାର୍ଷିକ ୧୮ ଦଶମିକ ୬ ପ୍ରତିଶତ ବୃଦ୍ଧି ପାଇ ୩୫ ଦଶମିକ ୬ ବିଲିୟନ ଡଲାରରେ ପହଞ୍ଚିଛି ।

ଅନ୍ୟପକ୍ଷରେ ଅଣପେଟ୍ରୋଲିୟମ୍ ରପ୍ତାନୀ ୩୭୪ ଦଶମିକ ୮ ବିଲିୟନ ଡଲାରରେ ପହଞ୍ଚିଥିବା ବେଳେ ସାମଗ୍ରୀ ରପ୍ତାନୀ ପୂର୍ବବର୍ଷ ଅପେକ୍ଷା ୬ ପ୍ରତିଶତ ବୃଦ୍ଧି ପାଇ ୪୩୭ ଦଶମିକ ୪ ବିଲିୟନ୍ ଡଲାରରେ ପହଞ୍ଚିଛି । ବାଣିଜ୍ୟ ମନ୍ତ୍ରଣାଳୟର ପୂର୍ବ ଆକଳନ ୮୨୦ ଦଶମିକ ୯/୩ ବିଲିୟନ ଡଲାରକୁ ଦେଶର ରପ୍ତାନୀ ଅତିକ୍ରମ କରିଥିବା ରିପୋର୍ଟରେ କୁହାଯାଇଛି ।

## ପିଏମ୍-ଆନ୍ଧ୍ରପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ଆନ୍ଧ୍ରପ୍ରଦେଶର ରାଜଧାନୀ ଅମରାବତୀ ଠାରେ ୫୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ବିଭିନ୍ନ ସଡ଼କ, ରେଳବାଇ ତଥା ଅନ୍ୟାନ୍ୟ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏକ ସ୍ୱତନ୍ତ୍ର ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ବିକଶିତ ଭାରତ ଗଠନ ତଥା ଆନ୍ଧ୍ରପ୍ରଦେଶର ଆକାଂକ୍ଷା ପୂରଣ କରିବା ଦିଗରେ ଏହି ବିକାଶ ମୂଳକ ପ୍ରକଳ୍ପ ଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଗତ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ଡିଜିଟାଲ୍ ଏବଂ ସାମାଜିକ ଭିତ୍ତିଭୂମି

ବିକାଶ ଉପରେ ପ୍ରାଥମିକତା ଦେଇ ଦେଶ ଅଗ୍ରସର ହେଉଛି ବୋଲି ସେ କହିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନାଗାୟା-ଲଙ୍କା ଠାରେ ଏକ କ୍ଷେପଣାସ୍ତ୍ର ପରୀକ୍ଷଣ ରେଞ୍ଜ ଲାଗି ଭର୍ଚୁଆଲ୍ ମାଧ୍ୟମରେ ଶିଳାନ୍ୟାସ କରିଥିଲେ । ଶ୍ରୀ ମୋଦୀ କହିଥିଲେ,

**V/O**

**PM-MODI-Development**

ଗତ ୧୦ ବର୍ଷ ମଧ୍ୟରେ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସାର ଏବଂ ଆଧୁନିକ ବିହନ ଯୋଗାଇଦେବା ଲାଗି କେନ୍ଦ୍ର ସର କାର ୧୨ ଲକ୍ଷ କୋଟି ଟଙ୍କା ବ୍ୟୟ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ, ବିଶାଖାପାଟନମ୍‌ରେ ଏକତାମଲ୍ ସଂପୂର୍ଣ୍ଣ ହେବା ପରେ ଏହା ଏକଭାରତ ଶ୍ରେଷ୍ଠଭାରତ ଦୃଷ୍ଟିକୋଣକୁ ସୁଦୃଢ଼ କରିବ । ଚଳିତବର୍ଷ ଜୁନ୍ ୨୧ ଅନ୍ତର୍ଜାତୀୟ ଯୋଗଦିବସ ଆନ୍ଧ୍ରପ୍ରଦେଶର ବିଶାଖାପଟନମ୍‌ରେ ପାଳନ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଅମରାବତୀ ପ୍ରକଳ୍ପକୁ ସମର୍ଥନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଅମିତ ଶାହା-ଡ୍ରଗ୍ସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ-ଏନସିବି ର ଅମୃତସର ଆଞ୍ଚଳିକ ୟୁନିଟ୍ ୪ଟି ରାଜ୍ୟରେ ଗତ ୪ ମାସ ଧରି ଚାଲିଥିବା ଅଭିଯାନ ଜରିଆରେ ଡ୍ରଗ୍ ଡାଇଭର୍ସନ କାର୍ଟେଲ୍‌କୁ ନଷ୍ଟ କରିଛି । ଏଥିରେ ୫୪୭ କୋଟି ଟଙ୍କାର ନିଶାଦ୍ରବ୍ୟ ଜବତ ହୋଇଥିବା ବେଳେ ୧୫

ଜଣଙ୍କୁ ଗିରଫ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା ଏନ୍‌ସିବିକୁ ଅଭିନନ୍ଦନ ଜଣାଇ କହିଛନ୍ତି ଭାରତ ନିଶାଦ୍ରବ୍ୟ  କାରବାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି । ନିଶାମୁକ୍ତ ଭାରତ ଗଠନ ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ଶ୍ରୀ ଶାହା କହିଛନ୍ତି ।

## ଅଷ୍ଟ୍ରେଲିଆ ପୋଲ୍‌ସ

ଅଷ୍ଟ୍ରେଲିଆର ୪୮ତମ ସଂସଦର ସଦସ୍ୟ ଚୟନ ପାଇଁ ମତଦାନ ଚାଲିଛି । ପ୍ରତିନିଧି ସଭାର ୧୫୦ଟି ଆସନ ଏବଂ ସିନେଟ୍‌ର ୭୬ଟି ଆସନରୁ ୪୦ଟି ଆସନ ଲାଗି ମତଦାନ ଚାଲିଥିବା ଜଣାପଡ଼ିଛି । ଭାରତୀୟ ସମୟ ଭୋର୍ ସାଢ଼େ୩ଟାରୁ ମତଦାନ ଆରମ୍ଭ ହୋଇଥିବା ବେଳେ ଏହା ସାଢ଼େ ଗୋଟାଏ ପର୍ଯ୍ୟନ୍ତ ଚାଲିବ ।

ଏହି ନିର୍ବାଚନରେ ଶାସକ ଲେବର ପାର୍ଟିର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲ୍‌ବାନିସ୍ ଦ୍ୱିତୀୟଥର ପାଇଁ ନିର୍ବାଚନ ଲଢୁଛନ୍ତି । ଏହି ନିର୍ବାଚନରେ ଅନେକ ଗୁଡ଼ିଏ ସ୍ୱାଧୀନ ଏବଂ ଛୋଟଛୋଟ ଦଳଗୁଡ଼ିକ ମଧ୍ୟ ଭାଗ ନେଇଛନ୍ତି ।

ଚଳିତ ନିର୍ବାଚନରେ ଅଷ୍ଟ୍ରେଲିଆରେ ଜୀବନଧାରଣ ମାନ ଓ ଅତ୍ୟଧିକ ଖର୍ଚ୍ଚ ପ୍ରମୁଖ ପ୍ରସଙ୍ଗ ହୋଇଛି । ବିଶେଷକରି ସ୍ୱାସ୍ଥ୍ୟସେବା ଏବଂ ବାସଗୃହ ଉପଲବ୍ଧତା ଭଳି ପ୍ରସଙ୍ଗ ଏହି ନିର୍ବାଚନରେ ପ୍ରମୁଖ ବିଷୟ ପାଲଟିଛି ।

# ଚିଲି-ଆର୍ଜେଣ୍ଟିନା ଇଭାକୁସନ୍

ଚିଲିର ଦକ୍ଷିଣ ଉପକୂଳରେ ୭ ଦଶମିକ ୪ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହେବା ପରେ ସେଠାକାର କର୍ତ୍ତୃପକ୍ଷ ସୁନାମୀ ସତର୍କତା ଜାରି କରିଛନ୍ତି । ଫଳରେ ଚିଲି ଏବଂ ଆର୍ଜେଣ୍ଟିନାର ଉପକୂଳବର୍ତ୍ତୀ ଅଞ୍ଚଳକୁ ଖାଲି କରିଦିଆଯାଇଛି । କେପ୍ ହର୍ଣ୍ଣ ଓ ଆଣ୍ଟାର୍କଟିକା ମଧ୍ୟରେ ମାତ୍ର ୧୦ କିଲୋମିଟର ଗଭୀରତାରେ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଇଛି । ଦକ୍ଷିଣ ଆମେରିକାରେ ଭୂମିକମ୍ପ ଅନୁଭୂତ ହେବା ପରେ ହଜାର ହଜାର ଲୋକ ନିରାପଦ ସ୍ଥାନକୁ ଚାଲିଯାଇଛନ୍ତି । ଚିଲିର ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ସୂଚନା ଅନୁଯାୟୀ ଆର୍ଜେଣ୍ଟିନା ଉପକୂଳରୁ ପ୍ରାୟ ୨ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ସିରିଜ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୩୮ରନ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୨୨୪ ରନ୍ ସଂଗ୍ରହ କରିଥିଲା । ଶୁଭମନ ଗିଲ୍ ୩୮ଟି ବଲ୍‌ରେ ୭୬ ରନ୍ ସ୍କୋର କରିଥିବା ବେଳେ ଯୋଶ୍ ବଟଲର ୩୭ଟି ବଲ୍‌ରେ ୬୪ ରନ୍ ସ୍କୋର କରିଥିଲେ । ଜବାବରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦

ଓଭରରେ ୬ ଓ୍ୱିକେଟ୍ ବିନିମୟରେ ୧୮୬ରନ୍ କରିବାକୁ ସକ୍ଷମ ହୋଇଥିଲା । ଅଭିଷେକ ଶର୍ମା ୪୧ଟି ବଲ୍‌ରେ ୭୪ ରନ୍ ସ୍କୋର କରିଥିଲେ ।

ଆଜି ଆଇପିଏଲ୍ ସିରିଜ୍‌ର ପରବର୍ତ୍ତୀ ମ୍ୟାଚ୍‌ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଓ ଚେନ୍ନାଇ ସୁପର୍‌କିଙ୍ଗ୍‌ସ ମଧ୍ୟରେ ମୁକାବିଲା ହେବ ।